# ସଂକ୍ଷିପ୍ତ ସାରମର୍ମ

## ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା

### *ରାଜ୍ୟର ବିତ୍ତୀୟ ସ୍ଥିତି*

ସରକାରଙ୍କ ରାଜସ୍ୱ ପ୍ରାପ୍ତି (99,546 କୋଟି ଟଙ୍କା) ଯାହା ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ (ଜିଏସଡ଼ିପି) (4,85,376 କୋଟି ଟଙ୍କା) ର 20.51 ପ୍ରତିଶତ ଅଟେ, ଯାହା ପୂର୍ବ ବର୍ଷ (85,204 କୋଟି ଟଙ୍କା) ତୁଳନାରେ 16.83 ପ୍ରତିଶତ ବୃଦ୍ଧି ଘଟିଥିଲା । 2018-19 ବର୍ଷ ରାଜସ୍ୱ ଖର୍ଚ୍ଚ (85,356 କୋଟି ଟଙ୍କା) ରେ ମଧ୍ୟ ଅନୁରୂପ ବୃଦ୍ଧି ଘଟିଥିଲା । ଯାହା 2017-18 (71,837 କୋଟି ଟଙ୍କା) ଅପେକ୍ଷା 18.82 ପ୍ରତିଶତ ଅଧିକ ଏବଂ ଜିଏସଡ଼ିପିର 17.59 ପ୍ରତିଶତ ଥିଲା । 2018-19 ବର୍ଷରେ ପୁଞ୍ଜିଗତ ଖର୍ଚ୍ଚ (ସିଇ) (23,482 କୋଟି ଟଙ୍କା) ଯାହା ପୂର୍ବ ବର୍ଷ (21,109 କୋଟି ଟଙ୍କା) ଠାରୁ 2,373 କୋଟି ଟଙ୍କା (11.24 ପ୍ରତିଶତ) ବୃଦ୍ଧି ଘଟିଥିଲା । 2018-19 ବର୍ଷ ରେ ପୁଞ୍ଜିଗତ ଖର୍ଚ୍ଚ ଜିଏସଡ଼ିପିର 4.84 ପ୍ରତିଶତ ଥିଲା । 2017-18 ରେ ରାଜସ୍ୱ ବଳକା ରାଜସ୍ୱ ପ୍ରାପ୍ତିର 15.69 ପ୍ରତିଶତ ଥିଲାବେଳେ 2018-19 ରେ 14.25 ପ୍ରତିଶତକୁ ଖସି ଆସିଥିଲା ।

***(ଅନୁଚ୍ଛେଦ 1.4.2, 1.5.3 ଏବଂ 1.5.4)***

ରାଜ୍ୟ 14,190 କୋଟି ଟଙ୍କାର ରାଜସ୍ୱ ବଳକା ହାସଲ କରିଥିଲା । ବିତ୍ତିୟ ନିୟଣ୍ଟ 10,157 କୋଟି ଟଙ୍କା ଥିଲା । କିନ୍ତୁ ରାଜସ୍ୱ ବଳକା 1,494.89 କୋଟି ଟଙ୍କା ଅଧିକ ଦର୍ଶାଯାଇଥିଲା ଏବଂ ବିତ୍ତୀୟ ନିଅଣ୍ଟ ସମ ପରିମାଣର କମ୍ ଦର୍ଶାଯାଇଥିଲା, ଯାହାକି i) ନୂତନ ପେନ୍‌ସନ୍ ପଦ୍ଧତି ବାବଦକୁ ସରକାରଙ୍କର ଅଧିକ ଅଂଶଦାନ (ii) ଜମା ଖାତାରେ ସୁଧ ଜମା ନହେବା(iii) ରାଜ୍ୟ ବିପର୍ଯ୍ୟୟ ଜବାବୀ ପାଣ୍ଠିରେ ସୁଧ ଜମା ନ ହେବା (iv) ଓଡ଼ିଶା ଆକସ୍ମିକ ପାଣ୍ଠିରେ ବଳକା ଭରଣା ନ କରାଯିବା (v) କଲ୍ୟାଣ ବୋର୍ଡକୁ ଶ୍ରମିକ କଲ୍ୟାଣ ଉପକର ସ୍ଥାନାନ୍ତର ନହେବା (vi) ଭୂ-ରାଜସ୍ୱ କର ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ସ୍ଥାନାନ୍ତରଣ ନହେବା ଇତ୍ୟାଦି କାରଣରୁ ଥିଲା । ଏହା ପ୍ରଭାବରେ ରାଜ୍ୟର ରାଜସ୍ୱ ବଳକା ଏବଂ ରାଜ୍ୟର ବିତ୍ତୀୟ ନିଅଣ୍ଟ 2018-19 ରେ ଯଥାକ୍ରମେ 12,695 କୋଟି ଟଙ୍କା ଏବଂ 11,652 କୋଟି ଟଙ୍କା ହୋଇଥିଲା ।

ପ୍ରଭାବୀ ବିତ୍ତୀୟ ନିଅଣ୍ଟ (11,652 କୋଟି ଟଙ୍କା) ଜିଏସଡ଼ିପି (4,85,376 କୋଟି ଟଙ୍କା) ର 2.40 ପ୍ରତିଶତ[1] ଥିଲା । ଏହା ଏଫଆରବିଏମ୍ (ସଂଶୋଧନ) ଆଇନ୍ 2016 ରେ ନିର୍ଦ୍ଧାରିତ ବିତ୍ତୀୟ ଧାର୍ଯ୍ୟ ଲକ୍ଷକୁ ପୂରଣ କରୁଥିଲା, ଯାହା ବିତ୍ତୀୟ ନିଅଣ୍ଟକୁ ଜିଏସଡ଼ିପିର 3.5 ପ୍ରତିଶତ ମଧ୍ୟରେ ସୀମିତ ରଖିବାର ଥିଲା ଏବଂ ଚତୁର୍ଦ୍ଦଶ ଅର୍ଥକମିଶନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା 3.5 ପ୍ରତିଶତ ସର୍ବୋଚ୍ଚ ସୀମାର ଅନୁପାଳନ କରୁଥିଲା ।

ଏଫ୍‌ଆର୍‌ବିଏମ୍ (ସଂଶୋଧନ) ଆଇନ୍ 2016 ଅନୁଯାୟୀ ବର୍ଷ 2015-16 ରୁ 2019-20 ବର୍ଷ ପର୍ଯ୍ୟନ୍ତ ଋଣ ଏବଂ ଜିଏସଡ଼ିପି ର ଅନୁପାତ 25 ପ୍ରତିଶତ ଠାରୁ କମ କିମ୍ବା ସମାନ ଥିଲା । ବକେୟା ଋଣ ଏବଂ ଜିଏସଡ଼ିପିର ଅନୁପାତ 2018-19 ରେ 22.30 ପ୍ରତିଶତ ଥିଲା ଏବଂ ଏହା ଏଫ୍‌ଆର୍‌ବିଏମ୍ (ଶଂସୋଧନ) ଆଇନ୍ 2016 ରେ ନିର୍ଦ୍ଧାରିତ ବିତ୍ତୀୟ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରୁଥିଲା ଏବଂ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା 25 ପ୍ରତିଶତ ସର୍ବୋଚ୍ଚ ସୀମାର ଅନୁପାଳନ କରୁଥିଲା ।

[1] ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିତ୍ତୀୟ ନିଅଣ୍ଟ 10,157 କୋଟି ଟଙ୍କା ଜିଏସ୍‌ଡିପି ର 2.09 ପ୍ରତିଶତ

***(ଅନୁଚ୍ଛେଦ 1.3.1)***

## *ସମ୍ବଳର ଯୋଗାଡ଼ ଏବଂ ପ୍ରୟୋଗ*

ବର୍ଷ 2018-19 ର ରାଜସ୍ୱ ପ୍ରାପ୍ତି (99,546 କୋଟି ଟଙ୍କା) ବର୍ଷ 2017-18 ତୁଳନାରେ 14,342 କୋଟି ଟଙ୍କା (16.83 ପ୍ରତିଶତ) ଅଧିକ ଥିଲା । ପରନ୍ତୁ, ଏଗୁଡ଼ିକ ବଜେଟ ଆକଳନ (1,00,200 କୋଟି ଟଙ୍କା) ଠାରୁ 654 କୋଟିଟଙ୍କା କମ୍ ଥିଲା ।

***(ଅନୁଚ୍ଛେଦ 1.4.2)***

ନିଜସ୍ୱ ରାଜସ୍ୱ କର (30,318 କୋଟି ଟଙ୍କା) ପୂର୍ବ ବର୍ଷ ଠାରୁ ୪.61 ପ୍ରତିଶତ ବୃଦ୍ଧି ଘଟିଥିଲା ଏବଂ ବଜେଟ ଆକଳନ (28,550 କୋଟି ଟଙ୍କା) ଠାରୁ 1,768 କୋଟି ଟଙ୍କା ଅଧିକ ଥିଲା, ଅଣ ରାଜସ୍ୱ କର (14,276 କୋଟି ଟଙ୍କା) ପୂର୍ବ ବର୍ଷ ଠାରୁ 69.99 ପ୍ରତିଶତ ବୃଦ୍ଧି ଘଟିଥିଲା। କିନ୍ତୁ ବଜେଟ ଆକଳନ (10,300 କୋଟି ଟଙ୍କା) ଠାରୁ 3,976 କୋଟି ଟଙ୍କା ଅଧିକ ଥିଲା ।

***(ଅନୁଚ୍ଛେଦ 1.4.2.1 ଏବଂ 1.4.2.4)***

ବର୍ଷ 2018-19 ର ରାଜସ୍ୱ ଖର୍ଚ୍ଚ (85,356 କୋଟି ଟଙ୍କା) 2017-18 ବର୍ଷର ରାଜସ୍ୱ ଖର୍ଚ୍ଚ (71,837 କୋଟି ଟଙ୍କା) ଠାରୁ 13,519 କୋଟି ଟଙ୍କା (18.82 ପ୍ରତିଶତ) ବୃଦ୍ଧି ଘଟିଥିଲା ଏବଂ ଏହା ବର୍ଷ 2018-19 ରେ କରାଯାଇଥିବା ବଜେଟ ବ୍ୟବସ୍ଥା (90,220 କୋଟି ଟଙ୍କା) ମଧ୍ୟରେ ଥିଲା ।

***(ଅନୁଚ୍ଛେଦ 1.5.3)***

ବର୍ଷ 2018-19 ରେ ପୁଞ୍ଜିଗତ ଖର୍ଚ୍ଚ (23,482 କୋଟି ଟଙ୍କା) ସମୁଦାୟ ଖର୍ଚ୍ଚ (1,10,008 କୋଟି ଟଙ୍କା)ର 21.35 ପ୍ରତିଶତ ଥିଲା । ଏହା ପୂର୍ବ ବର୍ଷ (21,109 କୋଟି ଟଙ୍କା) ଠାରୁ 2,373 କୋଟି ଟଙ୍କା (11.24 ପ୍ରତିଶତ) ଅଧିକ ଥିଲା । ପରନ୍ତୁ ଏହା ବଜେଟ ଆକଳନ ଠାରୁ 2,169 କୋଟି ଟଙ୍କା କମ୍ ଥିଲା । ବର୍ଷ 2018-19 ରେ ପୁଞ୍ଜିଗତ ଖର୍ଚ୍ଚ ଜିଏସଡ଼ିପିର 4.84 ପ୍ରତିଶତ ଥିଲା ଏବଂ ବିଗତ ପାଞ୍ଚ ବର୍ଷ ମଧ୍ୟରେ ଏହା ଜିଏସଡ଼ିପିର ପାଞ୍ଚ ପ୍ରତିଶତ ମଧ୍ୟରେ ଥିଲା ।

***(ଅନୁଚ୍ଛେଦ 1.5.4)***

***ସୁପାରିଶ :*** *ଅର୍ଥ ବିଭାଗ ସଠିକ୍ ଭାବରେ ବଜେଟ୍ ପ୍ରସ୍ତୁତିକରଣ ପ୍ରକ୍ରିୟାକୁ ସୁବ୍ୟବସ୍ଥାକରଣ କରିବା ଉଚିତ୍ ଯାହାଦ୍ୱାରା କି ବଜେଟ୍ ଆକଳନ ଏବଂ ପ୍ରକୃତ ଖର୍ଚ୍ଚ ମଧ୍ୟରେ ଥିବା ପାର୍ଥକ୍ୟ କମ୍ ହେବ । ପ୍ରଭାବୀ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ପାଇଁ ଆକଳନ ପ୍ରକୃତ ରାଜସ୍ୱ ଏବଂ ଆବଶ୍ୟକତା ଗୁଡ଼ିକୁ ବେଶୀ ତତ୍ପରତା ସହ ବିଚାରକୁ ନେଇ କରାଯିବା ଦରକାର ।*

## *କର ଆଦାୟରେ ଦକ୍ଷତା*

ବିଗତ ବର୍ଷ ତୁଳନାରେ ବର୍ଷ 2018-19 ରେ ବିକ୍ରୟ କର, ବାଣିଜ୍ୟ କର ଇତ୍ୟାଦି ଏବଂ ରାଜ୍ୟ ଅବକାରୀ ଏବଂ ଯାନବାହନ କର ଆଦାୟ ଖର୍ଚ୍ଚ କମିଥିଲା ଯାହା ଅଧିକ ଦକ୍ଷତା ସୂଚାଉଥିଲା ।

***(ଅନୁଚ୍ଛେଦ 1.4.2.2)***

### ସରକାରୀ ଖର୍ଚ୍ଚର ପର୍ଯ୍ୟାପ୍ତତା

ସମୁଦାୟ ଖର୍ଚ୍ଚ ଏବଂ ଜିଏସଡ଼ିପିର ଅନୁପାତ ଓଡ଼ିଶାରେ ସାଧାରଣ ବର୍ଗର ରାଜ୍ୟମାନଙ୍କ ଠାରୁ ଉନ୍ନତ ଥିଲା । ଓଡ଼ିଶା ମଧ୍ୟ ଉନ୍ନତିମୂଳକ ଖର୍ଚ୍ଚ, ସାମାଜିକ ସେବା ଖର୍ଚ୍ଚ, ଆର୍ଥିକ ସେବା ଖର୍ଚ୍ଚ, ପୁଞ୍ଜିଗତ ଖର୍ଚ୍ଚ ଏବଂ ଶିକ୍ଷା ଉପରେ ସାଧାରଣ ବର୍ଗର ରାଜ୍ୟମାନଙ୍କ ଠାରୁ ଅଧିକ ଗୁରୁତ୍ୱ ଦେଇଥିଲା । ପରନ୍ତୁ ରାଜ୍ୟ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ସାଧାରଣ ବର୍ଗ ରାଜ୍ୟ ମାନଙ୍କ ଠାରୁ ପଛରେ ଥିଲା ।

*(ଅନୁଚ୍ଛେଦ* ***1.5.1)***

### ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ

ସରକାରଙ୍କ ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚ ସୁଧ ପ୍ରଦାନ (5,800 କୋଟି ଟଙ୍କା), ଦରମା ଏବଂ ମଜୁରୀ (19,567 କୋଟି ଟଙ୍କା), ପେନସନ (10,520 କୋଟି ଟଙ୍କା) ଏବଂ ରିହାତି (3,168 କୋଟି ଟଙ୍କା)କୁ ନେଇ ଗଠିତ 2018-19 ରେ ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚ (39,055 କୋଟି ଟଙ୍କା) ଏବଂ ଏହା ରାଜସ୍ୱ ବ୍ୟୟ (85,356 କୋଟି ଟଙ୍କା) ର 45.75 ପ୍ରତିଶତ ଥିଲା, ଯାହାକି 2017-18 ରେ ତୁଳନାତ୍ମକ 34,208 କୋଟି ଟଙ୍କା (ରାଜସ୍ୱ ବ୍ୟୟର 47.62 ପ୍ରତିଶତ) ଥିଲା ।

*(ଅନୁଚ୍ଛେଦ* ***1.5.3.1)***

### ସରକାରୀ ଉଦ୍ୟୋଗରେ ନିବେଶ

31 ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟ ସରକାରଙ୍କର ବୈଧାନିକ ନିଗମ, ସରକାରୀ କମ୍ପାନୀ, ଜଏଣ୍ଟ ଷ୍ଟକ କମ୍ପାନୀ ଏବଂ ସମବାୟ ସମିତିରେ 5,354 କୋଟି ଟଙ୍କାର ନିବେଶ କରିଥିଲେ । ନିଗମ /କମ୍ପାନୀରୁ ନିବେଶର ଫେରସ୍ତ ହାର 10.16 ପ୍ରତିଶତ ଥିଲ. ଯାହାକି ସରକାରଙ୍କର ଋଣର ହାରାହାରି ସୁଧର ହାରଠାରୁ 7.74 ପ୍ରତିଶତ ଥିଲା ।

*(ଅନୁଚ୍ଛେଦ* ***1.6.1.1)***

### ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରୀମ

31 ମାର୍ଚ୍ଚ 2019 ସୁଦ୍ଧା ସରକାରୀ ଉଦ୍ୟୋଗ କମ୍ପାନୀ, ସ୍ୱୟଂଶାସିତ ସଂସ୍ଥା ଏବଂ ନିଗମକୁ ଦିଆଯାଇଥିବା ସରକାରଙ୍କ ଦ୍ୱାରା ଦିଆଯାଇଥିବା ଋଣ ଏବଂ ଅଗ୍ରୀମ 7,191 କୋଟି ଟଙ୍କା ଥିଲା ।

ବକେୟା ଋଣ ଏବଂ ଅଗ୍ରୀମ 2014-15 ରେ 4,449 କୋଟି ଟଙ୍କାରୁ ବୃଦ୍ଧି ପାଇ 2018-19 ରେ 7,191 କୋଟିଟଙ୍କା ହୋଇଥିଲା । 2018-19 ବର୍ଷରେ ପ୍ରଦତ୍ତ ଋଣ ଏବଂ ଅଗ୍ରିମର ମୁଖ୍ୟ ଭାଗ ଭାରତୀୟ ତୈଳ ନିଗମକୁ (700 କୋଟି ଟଙ୍କା) ଦିଆଯାଇଥିଲା ।

*(ଅନୁଚ୍ଛେଦ* ***1.6.1.2)***

### ରୋକଡ଼ ଅବଶେଷ

ମାର୍ଚ୍ଚ 2019 ଶେଷ ସୁଦ୍ଧା ରୋକଡ଼ ଅବଶେଷ 38,134.48 କୋଟି ଟଙ୍କା ଥିଲା । 2016-17 ଏବଂ 2017-18 ରେ ଅନ୍ତିମ ରୋକଡ଼ ଅବଶେଷ ଯଥାକ୍ରମେ 14,601.11 କୋଟି ଟଙ୍କା ଏବଂ 30.848.11 କୋଟି ଟଙ୍କା ଥିଲା । ରାଜ୍ୟ ସରକାର ନିୟମିତ ଭାବରେ ଅଧିକ ରୋକଡ଼ ଅବଶେଷ ରଖୁଥିଲେ ଯେତେବେଳେ କି ରାଜ୍ୟ ବିତ୍ତୀୟ ନିଅଣ୍ଟରେ ଗତି କରୁଥିଲା । 31 ମାର୍ଚ୍ଚ 2019 ସୁଦ୍ଧା ଆଇନ ଅନୁଯାୟୀ ଅତିକମ୍‌ରେ ବଳକା ରୋକଡ଼ ଅବଶେଷର 1.28 କୋଟି ଟଙ୍କାର ବିରୁଦ୍ଧରେ ରାଜ୍ୟ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କରେ 1,624.56 କୋଟି ଟଙ୍କାର ରୋକଡ଼ ଅବଶେଷ ପରିଚାଳନା କରୁଥିଲେ ।

ଏହା ବ୍ୟତୀତ ତ୍ରୟୋଦଶ ଅର୍ଥ କମିଶନର ସୁପାରିଶ କରିଥିଲେ ଯେ ଅଧିକ ଟଙ୍କା ବଳକା ଥିବା ରାଜ୍ୟମାନେ ସଦ୍ୟ ଋଣ କରିବା ପୂର୍ବରୁ ବଳକା ଥିବା ଟଙ୍କାକୁ ବ୍ୟବହାର କରିବା ପାଇଁ ପଦକ୍ଷେପ ନେବା ଉଚିତ୍ । ସାଧାରଣ ବଳକା ଟଙ୍କା 24,760.15 କୋଟି ଟଙ୍କାରୁ ମୁକ୍ତ ବଳକା ଟଙ୍କା 9.889.37 କୋଟି ଟଙ୍କା ଥିଲା । ରାଜ୍ୟ ଅର୍ଥ କମିଶନଙ୍କର ସୁପାରିଶକୁ ଉଲଂଘନ କରି ରାଜ୍ୟ ସରକାର କିନ୍ତୁ 9,019.54 କୋଟି ଟଙ୍କାର 7.55 ରୁ 8.79 ପ୍ରତିଶତ ସୁଧ ହାରରେ ଋଣ କରିଥିଲେ ।

***ସୁପାରିଶ :** ରାଜ୍ୟ ସରକାର ସଦ୍ୟ ଋଣ ଅଧିକ ସୁଧ ହାରରେ କରିବା ପୂର୍ବରୁ ଏହା ପରୀକ୍ଷା କରିବାର ଥିଲା ଯେ ଯେତେବେଳେ କି କମ୍ ସୁଧ ହାର ପ୍ରାପ୍ତ ହେଉଥିବା ବହୁଳ ରୋକଡ଼ ଅବଶେଷ ତାଙ୍କ ପାଖରେ ଉପଲବ୍ଧ ଅଛି ଅଧିକ ସୁଧ ହାରରେ ଆଉ ଋଣ କରିବାର ଆବଶ୍ୟକତା ଅଛି କି ନାହିଁ । ସରକାର ଋଣ ଭାରକୁ କମାଇବା ପାଇଁ ବହୁଳ ରୋକଡ଼ ଅବଶେଷକୁ ପ୍ରତ୍ୟାହାର କରିବା ଉଚିତ୍ ।*

*(ଅନୁଚ୍ଛେଦ **1.6.1.3**)*

### *ଋଣ ପରିଚାଳନା*

ସମୁଦାୟ ବକେୟା ଋଣ (1,08,258 କୋଟି ଟଙ୍କା) । 2017-18 ରେ ଜିଏସ୍‌ଡିପିର 22.27 ପ୍ରତିଶତରୁ ବୃଦ୍ଧି ପାଇ 2018-19 ରେ ଜିଏସ୍‌ଡିପିର 22.30 ପ୍ରତିଶତ ହୋଇଥିଲା । ରାଜସ୍ୱ ପ୍ରାପ୍ତିର ସୁଧ ପ୍ରଦାନ 5.83 ପ୍ରତିଶତ ଥିଲା ଯାହାକି ଓଡ଼ିଶା ଏଫ୍‌ଆରବିଏମ (ସଂଶୋଧନ) ଆଇନ୍ 2016 ଦ୍ୱାରା ଧାର୍ଯ୍ୟ ହୋଇଥିବା 15 ପ୍ରତିଶତ ଲକ୍ଷ୍ୟରୁ ଯଥେଷ୍ଟ କମ୍ ଥିଲା ଏବଂ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ବୋଚ୍ଚ ସୀମା ମଧ୍ୟରେ ରହିଥିଲା । ଋଣ ପରିଶୋଧ ଏବଂ ରାଜସ୍ୱ କରର ଅନୁପାତ 2017-18 ରୁ 129.53 ପ୍ରତିଶତରୁ 2018-19 ରେ 122.07 ପ୍ରତିଶତକୁ କମି ଯାଇଥିଲା ।

*(ଅନୁଚ୍ଛେଦ **1.7**)*

## ଆର୍ଥିକ ପରିଚାଳନା ଏବଂ ବଜେଟ୍ ନିୟନ୍ତ୍ରଣ

### *ଅଧିକ ବ୍ୟୟର ନିୟମିତକରଣର ଆବଶ୍ୟକତା*

ଭାରତର ସମ୍ବିଧାନ ଧାରା 205 ଅନୁଯାୟୀ ଏହା ରାଜ୍ୟ ସରକାରଙ୍କ ପାଇଁ ବାଧ୍ୟତାମୂଳକ ଅଟେ ଯେ, ଅନୁଦାନ ପ୍ରାପ୍ତିରୁ ଅଧିକ ଖର୍ଚ୍ଚକୁ ରାଜ୍ୟ ବିଧାନ ସଭାରେ ନିୟମିତ କରାଇବା ଆବଶ୍ୟକ । ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟ ସରକାର 2013-14 ରୁ 2017-18 ମଧ୍ୟରେ ଆବଣ୍ଟିତ ରାଶିରୁ ଅଧିକ 79.60 କୋଟି ଟଙ୍କା ଖର୍ଚ୍ଚ ଏବଂ 2018-19 ର 173.42 କୋଟି ଟଙ୍କାର ଅଧିକ ଖର୍ଚ୍ଚ ନିୟମିତ କରାଇ ନଥିଲେ ।

***ସୁପାରିଶ:** ସମସ୍ତ ବିଦ୍ୟମାନ ଅତ୍ୟଧିକ ଖର୍ଚ୍ଚକୁ ନିୟମିତକରଣ କରିବା ଆବଶ୍ୟକ ଏବଂ ଭବିଷ୍ୟତରେ ସେହି ଅତ୍ୟଧିକ ବ୍ୟୟକୁ ସଂପୂର୍ଣ୍ଣ ରୂପରେ ବନ୍ଦ କରାଯାଉ ।*

*(ଅନୁଚ୍ଛେଦ **2.2.2.1** ଏବଂ **2.2.2.2**)*

### *ସଂଚୟ*

2018-19 ରେ ମୋଟ ସଂଚୟ 18,895.73 କୋଟି ଟଙ୍କା ଥିଲା । ଏଥିରୁ 7,037.92 କୋଟି ଟଙ୍କା (37.25 ପ୍ରତିଶତ) ସାତଟି ଅନୁଦାନ ସହିତ ସଂପୃକ୍ତ ଥିଲା, ଯେଉଁଥିରେ କି ସଂଚୟ ଶହେ କୋଟିରୁ ଅଧିକ ଏବଂ ସମସ୍ତ ବ୍ୟବସ୍ଥାରୁ 20 ପ୍ରତିଶତରୁ ଉର୍ଦ୍ଧ୍ୱ ଥିଲା ।

***ସୁପାରିଶ :*** *ସମସ୍ତ ପ୍ରତ୍ୟାଶିତ ସଂଚୟ ଠିକ୍ ସମୟରେ ଫେରସ୍ତ କରିବା ଉଚିତ୍ ଯାହାଦ୍ୱାରା କି ପାଣ୍ଠି ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ କରିହେବ ।*

***(ଅନୁଚ୍ଛେଦ 2.2.2.3)***

### *ପୁନଃ ବିନିଯୋଗ*

ପୁନଃ ବିନିଯୋଗ ମାନେ ଗୋଟିଏ ପରିକଳ୍ପନା / ଏକକରୁ ସଂଚୟ ପାଣ୍ଠିକୁ ସମାନ ଅନୁଦାନ ଏବଂ ଭାଗରେ ଥିବା ଅନ୍ୟ ପରିଯୋଜନା /ଏକକକୁ ହସ୍ତାନ୍ତର କରିବା (ପୁଞ୍ଜି, ରାଜସ୍ୱ କିମ୍ବା ଋଣ) । ଅର୍ଥ ବିଭାଗ ସୂଚୀତ କରିଥିଲେ (ଫେବୃୟାରୀ 2019) ଯେ ପୁନଃ ବିନିଯୋଗର ମିଆଦ 26-02-2019 ଥିଲା । ତଥାପି 21 ଟି ମାମଲାରେ ବିନିଯୋଗ ଆଦେଶ 30 ମାର୍ଚ୍ଚ 2019 ରେ ଦିଆଯାଇ ଥିଲା ଯାହାର ମୂଲ୍ୟ 3,404.79 କୋଟି ଟଙ୍କା (ଏକ କୋଟି ଏବଂ ତଦୁର୍ଦ୍ଧ୍ୱ ପ୍ରତ୍ୟେକ 12 ଟି ମାମଲାରେ) ଥିଲା ଏବଂ ଏହା 2018-19 ମଧ୍ୟରେ ଖର୍ଚ୍ଚ ପରିସର ଭୁକ୍ତ ହୋଇ ନଥିଲା ।

***ସୁପାରିଶ :*** *ପ୍ରଯୁକ୍ତି ବିଦ୍ୟାର ଉନ୍ନତିକୁ ବ୍ୟବହାର କରି, ରାଜ୍ୟ ସରକାର ପାଣ୍ଠିର ପୁନଃ ବିନିଯୋଗ, ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚ ଏବଂ ବାସ୍ତବିକ ପ୍ରାପ୍ତିର ପ୍ରକୃତ ସାମୟିକ ଡାଟାକୁ ବ୍ୟବହାର କରି ଠିକ୍ ସମୟରେ କରିପାରିବେ ।*

***(ଅନୁଚ୍ଛେଦ 2.2.4)***

### *ପ୍ରଚୁର ଫେରସ୍ତ*

13 ଟି ଅନୁଦାନ ଅଧିନରେ ସମସ୍ତ ବ୍ୟବସ୍ଥାର 100 ପ୍ରତିଶତ (1,304.17 କୋଟି ଟଙ୍କା), 27 ଟି ଉପଶିର୍ଷ (ପ୍ରତ୍ୟେକ କ୍ଷେତ୍ରରେ 10 କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ) ମାମଲାରେ ଟଙ୍କା ଫେରସ୍ତ କରାଯାଇଥିଲା । ଏଗୁଡ଼ିକ ବିଭିନ୍ନ ପରିକଳ୍ପନା, କାର୍ଯ୍ୟକ୍ରମ, ପ୍ରକଳ୍ପ ଏବଂ କାର୍ଯ୍ୟକଳାପକୁ ବହନ କରିଥିଲା । ସେହିଭଳି 2016-17 ଏବଂ 2017-18 ରେ ଯଥାକ୍ରମେ 1,788.12 କୋଟି ଟଙ୍କା (15 ଟି ଅନୁଦାନ) ଏବଂ 2,686.12 କୋଟି ଟଙ୍କା (17 ଟି ଅନୁଦାନ) ଫେରସ୍ତ କରାଯାଇଥିଲା ।

***(ଅନୁଚ୍ଛେଦ 2.2.5)***

### *ସଂଚୟ ଠାରୁ ଅଧିକ ଫେରସ୍ତ*

ତିନୋଟି ମାମଲାରେ (3 ଟି ଅନୁଦାନ) 590.48 କୋଟି ଟଙ୍କା ସଂଚୟ ହୋଇଥିଲା । ଫେରସ୍ତ ରାଶିର ପରିମାଣ 624.21 କୋଟି ଟଙ୍କା ଥିଲା ଫଳସ୍ୱରୁପ ଅଧିକ ଫେରସ୍ତ (ଏକ କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ ମାମଲାରେ) ଯାହାର ମାତ୍ରା 33.73 କୋଟି ଟଙ୍କା ଥିଲା ।

***(ଅନୁଚ୍ଛେଦ 2.2.6)***

### *ରୋକଡ଼ ପରିଚାଳନା ପଦ୍ଧତି ଏବଂ ଖର୍ଚ୍ଚର ବହୁଳତା*

ଓଡ଼ିଶା ବିତ୍ତୀୟ ଦାୟିତ୍ୱ ଏବଂ ବଜେଟ ପରିଚାଳନା ଆଇନ୍ 2016 ଅନୁଯାୟୀ ରାଜ୍ୟ ସରକାର 2018-19 ରେ ରୋକଡ଼ ପରିଚାଳନା ପଦ୍ଧତି ମାଧ୍ୟମରେ 20 ଟି ବିଭାଗର ବଜେଟାରୀ ଅନୁଦାନ ପାଇଁ ସମାନୁଯାୟୀ ଆବଣ୍ଟିତ ଟଙ୍କା କିଭଳି ଖର୍ଚ୍ଚ ହେବ ତାହାର ମାର୍ଗଦର୍ଶିକା ସ୍ଥିର କରିଥିଲେ । ଏହି ଅନୁସାରେ ଶେଷ ତ୍ରୈମାସିକର ଖର୍ଚ୍ଚ 60 ପ୍ରତିଶତରୁ କମ୍ ହେବ ଏବଂ ମାର୍ଚ୍ଚ ମାସ ମଧ୍ୟରେ ଖର୍ଚ୍ଚର ବ୍ୟବସ୍ଥିତ ବଜେଟର 15 ପ୍ରତିଶତ ରୁ ଅଧିକ ହେବା ବର୍ଜନୀୟ ।

ରୋକଡ଼ ପରିଚାଳନା ଦୃଷ୍ଟିରୁ 20 ଟି ବିଭାଗରୁ ମାତ୍ର 10 ଟି ବିଭାଗ ଆବଣ୍ଟିତ ଟଙ୍କାକୁ ଠିକ୍ ସମୟରେ ଖର୍ଚ୍ଚ କରିବାରେ ନିର୍ଦ୍ଦେଶକୁ ପାଳନ କରିଥିଲେ ।

***ସୁପାରିଶ :*** *ରାଜ୍ୟ ସରକାର ବଜେଟ ପରିଚାଳନା ନିୟମକୁ ଠିକ୍ ଭାବରେ ପାଳନ କରିବାକୁ ଜୋର ଦେଲେ ବଜେଟର ସମ୍ପୂର୍ଣ୍ଣ ଭାବରେ ବିନିଯୋଗ ହୋଇପାରିବ ଏବଂ ଆର୍ଥିକ ବର୍ଷର ଶେଷ ଭାଗରେ ଦେଖାଯାଉଥିବା ବହୁଳ ଖର୍ଚ୍ଚକୁ ରୋକାଯାଇପାରିବ ।*

*(ଅନୁଚ୍ଛେଦ **2.4**)*

## *ବିତ୍ତୀୟ ପ୍ରତିବେଦନ*

### *ବ୍ୟକ୍ତିଗତ ଜମା ହିସାବ*

831 ବ୍ୟକ୍ତିଗତ ଜମା ଖାତା ଧାରୀମାନଙ୍କର 31 ମାର୍ଚ୍ଚ 2019 ସୁଦ୍ଧା 17,503.50 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ଅନ୍ତିମ ଅବଶେଷ ଥିଲା । ସେଥି ମଧ୍ୟରୁ 14,328.50 କୋଟି ଟଙ୍କା (81.86 ପ୍ରତିଶତ) ଓଡ଼ିଶା ମିନେରାଲ ବିୟରିଂ ଏରିଆଜ ଡ଼େଭଲପମେଣ୍ଟ କରପୋରେସନ (ଓଏମବିଏଡ଼ିସି) ର ବ୍ୟକ୍ତିଗତ ଜମା ଖାତା ସମ୍ପର୍କିତ ଥିଲା । ଯେଉଁଟାକୁ ସମ୍ମାନୀୟ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଖୋଲା ଯାଇଥିଲା । ଏହା ବେଆଇନ ଭାବେ ଖଣି ସମ୍ବନ୍ଧୀୟ କାର୍ଯ୍ୟକଳାପରୁ କ୍ଷତି ପୁରଣ ରୂପେ ବସୁଲି କରାଯାଇଥିଲା ଏବଂ ଏହି ଟଙ୍କାକୁ ଆଦିବାସୀ ପୀଡିତ ଜିଲ୍ଲା ମାନଙ୍କର ଉପକାର ଏବଂ ସେହି ଅଂଚଳର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଥିଲା ।

ପୁନଶ୍ଚ ଓଡ଼ୀଶା ଟ୍ରେଜେରୀ କୋଡ଼ର ନିୟମ ବିରୁଦ୍ଧରେ ଓଡ଼ିଶା ସରକାର 15 ଟି ବ୍ୟକ୍ତିଗତ ଖାତା ଯେଉଁଥିରେ ଅନ୍ତିମ ଅବଶେଷ 5.86 କୋଟି ଥିଲା ଏବଂ ତିନି ବର୍ଷ ରୁ ଊର୍ଦ୍ଧ୍ୱ ଆର୍ଥିକ ବର୍ଷର ନେଣଦେଣ ନ ଥିଲା, ସେହି ଖାତାକୁ ବନ୍ଦ କରିବାରେ ସରକାର ଅସମର୍ଥ ହୋଇଥିଲେ ।

***ସୁପାରିଶ*** : ଅର୍ଥ ବିଭାଗ ସମସ୍ତ ବ୍ୟକ୍ତିଗତ ଖାତାକୁ ସମୀକ୍ଷା କରିବରେ ଆବଶ୍ୟକ ଅଛି ଏବଂ ସୁନିଶ୍ଚିତ କରିବା କଥା ଯେ ସେହି ସମସ୍ତ ପରିମାଣ ଯେଉଁଟାକୁ ବ୍ୟକ୍ତିଗତ ଖାତାରେ ଅନାବଶ୍ୟକ ରୂପରେ ପଡ଼ିରହିଛି ତାହା ତୁରନ୍ତ ଏକତ୍ରୀକୃତ ପାଣ୍ଠିକୁ ପଠାଯାଉ ।

*(ଅନୁଚ୍ଛେଦ **3.1.1** ଏବଂ **3.1.3** )*

### *ବିନିଯୋଗ ପ୍ରମାଣ ପତ୍ର ଦାଖଲ କରିବାରେ ବିଳମ୍ବ*

2018-19 ବର୍ଷ ମଧ୍ୟରେ ସରକାର 25,957.25 କୋଟି ଟଙ୍କା ଅନୁଦାନ ରୂପେ ପ୍ରଦାନ କରିଥିଲେ । ସେଥିମଧ୍ୟରୁ 19,371.21 କୋଟି ଟଙ୍କା (75 ପ୍ରତିଶତ) ପାଇଁ ବିନିଯୋଗ ପ୍ରମାଣପତ୍ର ପ୍ରାପ୍ତ ହୋଇ ନଥିଲା । ଏହାଦ୍ୱାରା 19,371.21 କୋଟି ଟଙ୍କା ଯେଉଁ ଉଦ୍ଦେଶ୍ୟ ପାଇଁ ଏହି ଟଙ୍କା ଉଦ୍ଦିଷ୍ଟ ଥିଲା ସେଥିପାଇଁ ଏହା ଖର୍ଚ୍ଚ ହୋଇଛି କି ବୋଲି କୌଣସି ଭରସା ନଥିଲା । ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡ଼ିଶାଙ୍କ ଖାତାରୁ ସ୍ପଷ୍ଟ ଜଣାଗଲା ଯେ 37 ଟି ବିଭାଗର ମୋଟ 45,340.89 କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ମାର୍ଚ୍ଚ 2019 ସୁଦ୍ଧା ବକେୟା ରହିଥିଲା ।

***ସୁପାରିଶ*** : ଅର୍ଥ ବିଭାଗ ସଦ୍ୟ ଅନୁଦାନ ମୁକ୍ତ କରିବା ପୂର୍ବରୁ ସମସ୍ତ ବିନିଯୋଗ ପ୍ରମାଣ ପତ୍ର ଗୁଡ଼ିକୁ ସମୀକ୍ଷା କରି ଦାଖଲ ହେବାକୁ ଥିବା ପ୍ରମାଣ ପତ୍ରଗୁଡ଼ିକୁ ବିନା ବିଳମ୍ବରେ ଦାଖଲ କରିବା ପାଇଁ ସୁନିଶ୍ଚିତ କରିବା ଉଚିତ୍ ।

*(ଅନୁଚ୍ଛେଦ **3.4**)*

### *ବିସ୍ତୃତ ଆକସ୍ମିକ ବିଲର ବକେୟା*

ଆର୍ଥିକ ବର୍ଷ 2018-19 ରେ ସରକାରଙ୍କ ହିସାବ ଖାତାରୁ ଜଣାଗଲା ଯେ 15 ଟି ବିଭାଗର 939 ସଂକ୍ଷିପ୍ତ ଆକସ୍ମିକ ବିଲ୍‌ରେ (210.19 କୋଟି ଟଙ୍କା) ଉଠାଣ କରିଥିଲେ ଏବଂ ଏହା ବିରୁଦ୍ଧରେ କେବଳ 214 ଟି ବିସ୍ତୃତ ଆକସ୍ମିକ ବିଲ୍

11.46 କୋଟି ଟଙ୍କାର ଉପସ୍ଥାପନା କରିଥିଲେ । ଏଥିରୁ ସ୍ପଷ୍ଟ ଯେ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ 198.73 କୋଟି ଟଙ୍କାର 725 ଟି ବିସ୍ତୃତ ଆକସ୍ମିକ ବିଲ୍ 12 ଟି ବିଭାଗ ଦ୍ୱାରା ଜମା କରାଯାଇ ନଥିଲା । ଏଣୁ ଏହା ଭରସାଯୋଗ୍ୟ ନୁହେଁ ଯେ 198.73 କୋଟି ଟଙ୍କା ଯେଉଁଥିପାଇଁ ଅନୁମୋଦନ/ ସ୍ୱୀକୃତି ବିଧାନସଭା ଦ୍ୱାରା କରାଯାଇଥିଲା ତାହା ସେଥିରେ ଖର୍ଚ୍ଚ ହୋଇଛି । ଏହା 2018-19 ବର୍ଷର ସମ୍ଭାବିତ ମାତ୍ରାଧିକ ଖର୍ଚ୍ଚର ବିବରଣୀ ଅଟେ ।

ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆକସ୍ମିତ ବିଲ ଜମା ନ କରିବା ଏକ ବିତ୍ତୀୟ ଅନୁଶାସନର ଉଲ୍ଲଙ୍ଘନ ଏବଂ ସରକାରୀ ଟଙ୍କାକୁ ତୋହାର ପାତ କରିବାରେ ଏକ ସମ୍ଭାବନ ସୃଷ୍ଟି କରାଏ ଏବଂ ଏହା ଏକ ଅସ୍ୱାସ୍ଥ୍ୟକର ଅଭ୍ୟାସ ।

***ସୁପାରିଶ*** : ଅର୍ଥ ବିଭାଗ ବକେୟା ଥିବା ସମସ୍ତ ସଂକ୍ଷିପ୍ତ ଆକସ୍ମିକ ବିଲ୍ ବାବଦରେ ସମୟାନୁଯାୟୀ ବିସ୍ତୃତ ଆକସ୍ମିକ ବିଲ୍ ଦାଖଲ କରିବା ପାଇଁ ସମସ୍ତ ଅଧିକାରୀମାନଙ୍କୁ ସୁନିଶ୍ଚିତ କରିବା ଉଚିତ୍ ।

*(ଅନୁଚ୍ଛେଦ **3.5**)*